## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**ବଅଁରପାଳ, ୨୬।୬(ଡି.ଏନ୍.ଏ.):** ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଶିବମନ୍ଦିର ପରିସରରୁ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଗଡ଼ସନ୍ତ୍ରୀ ପାଟଣାସାହିର ଲିଜାରାଣୀ ଦାସ (୨୬)। ତାଙ୍କୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଲିଜାରାଣୀ ୯ ବର୍ଷ ପୂର୍ବେ ହଣ୍ଡପା ଥାନା ଅନ୍ତର୍ଗତ ବଡ଼ବର ଗ୍ରାମର ସୁରେଶ ଦାସଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଗତ ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଶ୍ୱଶୁର ଘର ତରଫରୁ ଦିଅର ଲିଜାରାଣୀଙ୍କ ମା' ଦ୍ରୌପଦୀ ଦାସଙ୍କୁ ଫୋନ କରିଥିଲେ। ଭାଉଜ ଗଡ଼ସନ୍ତ୍ରୀ ଶିବ ମନ୍ଦିର ପରିସରରେ ଅଛନ୍ତି ଏବଂ ତାଙ୍କୁ ଆସି ନେଇ ଯିବାକୁ କହିଥିଲେ। ଦ୍ରୌପଦୀ ପହଞ୍ଚିବାବେଳକୁ ଝିଅ ଲିଜାରାଣୀଙ୍କ ମୃତଦେହ ଗଛରେ ଝୁଲୁଥିଲା। ଏ ନେଇ ସେ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

### ୫୬ ଆକ୍ରାନ୍ତ, ଜଣେ ମୃତ

**ଢେଙ୍କାନାଳ ଅଫିସ,୨୬।୬:** ଢେଙ୍କାନାଳ ଜିଲାରୁ ଶନିବାର ୫୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ରାସୋଳ ଅଞ୍ଚଳର ୩୯ ବର୍ଷୀୟ ଜଣେ ବ୍ୟକ୍ତିଙ୍କ କରୋନାରେ ମୃତ୍ୟୁ ଘଟିଛି। ଏହାପରେ ଜିଲାରେ ମୋଟ କୋଭିଡ୍ ମୃତକଙ୍କ ସଂଖ୍ୟା ୫୮ରେ ପହଞ୍ଚିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୮, ହିନ୍ଦୋଳ ବ୍ଲକର ୧୪ ଓ ଏନ୍‌ଏସିର ୩, କାମାକ୍ଷାନଗର ବ୍ଲକର ୨ ଓ ଏନ୍‌ଏସିର ୫, ସଦର ବ୍ଲକର ୭, ଓଡ଼ାପଡ଼ା ବ୍ଲକର ୪, ପରଜଙ୍ଗ ବ୍ଲକର ୪, ଭୁବନ ବ୍ଲକର ୨, ଗଁଦିଆ ବ୍ଲକର ୧ ଏବଂ ବିଭିନ୍ନ ଚିକିତ୍ସାଳୟର ୬ଜଣ ଅଛନ୍ତି। ସେହିପରି ଦିନକରେ ୭୫ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ୭୨୫ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଖାଦ୍ୟସାମଗ୍ରୀ ବଣ୍ଟନ

**ଢେଙ୍କାନାଳ ଅଫିସ, ୨୬।୬:** କରୋନା ମହାମାରୀ ସମୟରେ ଶିଶୁଙ୍କ ଖାଦ୍ୟ ସୁରକ୍ଷା ପାଇଁ ଆକ୍ସନ-ଏଡ୍-ଆସୋସିଏଶନ ପକ୍ଷରୁ ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ମହୁଲପଡାସ୍ଥିତ ବିଶ୍ୱକୁନ୍ତଳ ଶିଶୁ ଗୃହରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ଅଧିକାରୀ ସସ୍ମିତା ରଣସିଂ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ଗୃହ ପରିଚାଳିକା ପୁଷ୍ପାଞ୍ଜଳି ଜେନା, ରାଜ୍ୟ ସଂଯୋଜକ ଘାସିରାମ ପଣ୍ଡା, ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର, ବିତ୍ତ ଅଧିକାରୀ ଶ୍ୟାମସୁନ୍ଦର ପାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ବଇଣ୍ଡା, ୨୬।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଫାଣ୍ଡି ପୋଲିସ ଶାଳବଣି ସାହିର ଫେରାର ଅଭିଯୁକ୍ତ କୁଶ ସ୍ୱାଇଁଙ୍କୁ ଶୁକ୍ରବାର ଗିରଫ କରିଛି। କୁଶଙ୍କ ନାମରେ ଏକ ହତ୍ୟା ମାମଲା ରହିଥିଲା। ଏ ନେଇ ନଂ. ୩୫୪/୧୪ରେ ମାମଲା ରୁଜୁ ହୋଇଥିଲା। ସେ ଦୀର୍ଘଦିନ ହେଲା ଫେରାର ଥିଲେ। ଅଭିଯୁକ୍ତ ଘରେ ଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ଅରୁଣ ପଣ୍ଡା ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

### ୨୭ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୨୬।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟତ ଅଫିସରେ ଯୁବ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ତିମିର ନାୟକ, ସରପଞ୍ଚ ମୃତ୍ୟୁଞ୍ଜୟ ପ୍ରଧାନ, ଅରୁଣ ସାହୁ, ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର ସାହୁ, କୁଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ବିୟୋଗରେ ସ୍ମୃତିସଭା

**ଢେଙ୍କାନାଳ ଅଫିସ, ୨୬।୬:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମର ଶିକ୍ଷୟିତ୍ରୀ ସଂଯୁକ୍ତା ପାଳଙ୍କ ଏକାଦଶାହ ଉପଲକ୍ଷେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଅଧ୍ୟାପକ ଜୟନ୍ତ ହୋତା, ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସାହୁ, ଭବାନୀ ଶଙ୍କର ନାଥ, ଅକ୍ଷୟ କୁମାର ନାଥଙ୍କ ସମେତ ଶିଶୁମନ୍ଦିରର ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ଥିଲେ। ସଂଯୁକ୍ତାଙ୍କ ଶ୍ରାଦ୍ଧଦିବସରେ ଏକ ପୁସ୍ତକ ଉନ୍ମୋଚନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏବିଇଓ ଜ୍ୟୋତିର୍ମୟୀ ନାଥ ସ୍ମୃତିସଭାକୁ ପରିଚାଳନା କରିଥିଲେ।

# ଅଧା ଚିକିତ୍ସାରେ ସରିଗଲା ଅକ୍ସିଜେନ

- କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା
- ୨୨ ମିନିଟ୍ ଛଟପଟ ହେଲେ ବୟସ୍କ ରୋଗୀ
- ଦେବଦୂତ ସାଜିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

**କାମାକ୍ଷାନଗର, ୨୬।୬(ଡି.ଏନ୍.ଏ.)**

ମହାମାରୀ ସମୟରେ ମେଡିକାଲରେ ଆବଶ୍ୟକ ସରଞ୍ଜାମ ମହଜୁଦ୍ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ରୋଗୀଙ୍କ ସେବାରେ ସାମାନ୍ୟତମ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗକୁ କଡ଼ା ଚେତାବନୀ ଦେଇଛନ୍ତି। ଏହାସତ୍ତ୍ୱେ ଜରୁରିକାଳୀନ ସମୟରେ ଅକ୍ସିଜେନ ନ ପାଇ ଛଟପଟ ହେଉଛନ୍ତି ରୋଗୀ। କରୋନା କାଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ। ଅମ୍ଳଜାନସ୍ତର କମିଯିବାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣେ ବୟସ୍କ ରୋଗୀଙ୍କ ଚିକିତ୍ସା ବେଳେ ସିଲିଣ୍ଡରରୁ ସରିଯାଇଥିଲା ଅକ୍ସିଜେନ। ଫଳରେ ପ୍ରାୟ ୨୨ ମିନିଟ୍ ଧରି ମେଡିକାଲ ଶଯ୍ୟାରେ ରୋଗୀ ଜଣକ ଛଟପଟ ହୋଇଥିଲେ। ଅସହାୟ ଅବସ୍ଥାରେ ଥିବା ରୋଗୀ ପରିବାର ପାଇଁ 'ପିପୁଲ୍ ଫର୍ ସ୍ମାଇଲ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଦୂତ ସାଜିଥିଲା। ଅନୁଷ୍ଠାନର କର୍ମକର୍ତ୍ତା ତୁରନ୍ତ ଅକ୍ସିଜେନ ସିଲିଣ୍ଡର ଯୋଗାଇବା ପରେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା।

କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ତପନ ସାମଲ ଅଭିଯୋଗ କରି କହିଛନ୍ତି, ଶନିବାର ଅପରାହ୍ନରେ ତାଙ୍କ ବାପା ହୃଷୀକେଶ ସାମଲ (୬୩)ଙ୍କ ଅମ୍ଳଜାନସ୍ତର ହଠାତ୍ କମିଯିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ତୁରନ୍ତ ଅକ୍ସିଜେନ ଲଗାଇଥିଲେ। ତେବେ ଅଧଘଣ୍ଟା ପରେ ସିଲିଣ୍ଡର ଖାଲି ହୋଇଯାଇଥିଲା। ଅସହାୟ ଅବସ୍ଥାରେ ପରିବାର ସଦସ୍ୟ 'ପିପୁଲ ଫର୍ ସ୍ମାଇଲ'ର ସହଯୋଗ ଲୋଡ଼ିଥିଲେ। ଇତିମଧ୍ୟରେ ପ୍ରାୟ ୨୨ମିନିଟ୍ ଧରି ହୃଷୀକେଶ ମେଡିକାଲ ଶଯ୍ୟାରେ ଛଟପଟ ହୋଇଥିଲେ। ଅନୁଷ୍ଠାନ ପକ୍ଷରୁ ଅକ୍ସିଜେନ ସିଲିଣ୍ଡର ଯୋଗାଇ ଦିଆଯିବା ପରେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ହୃଷୀକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଡାକ୍ତର ରତ୍ନାକର ସାମଲ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ ମହଜୁଦ ଅଛି। ଏଭଳି ଅଭିଯୋଗ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ତେବେ ଡାକ୍ତରଖାନାରେ ଜଣେ ରୋଗୀ ୨୨ ମିନିଟ୍ ଧରି ବିନା ଅମ୍ଳଜାନରେ ଛଟପଟ ହେବା ଅଭିଯୋଗ ଆସିବା ଏବଂ ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖିଆଙ୍କ ନିକଟରେ ସୂଚନା ନ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଉପରେ କାମାକ୍ଷାନଗର, ଭୁବନ, ପରଜଙ୍ଗ, କଙ୍କଡ଼ାହାଡ଼ ବ୍ଲକ ସମେତ ପଡ଼ୋଶୀ କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳର ପ୍ରାୟ ୩ ଲକ୍ଷ ଜନସାଧାରଣ ନିର୍ଭରଶୀଳ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସୁଛି। କୋଭିଡ୍ ସମୟରେ ରୋଗୀଙ୍କ ସମସ୍ୟା ବୁଝିବାକୁ ରୋଗୀ କଲ୍ୟାଣ ସମିତିକୁ ଦାୟିତ୍ୱ ଦିଆଯାଇଛି। ହେଲେ ଗଠିତ ସମିତିରେ ଅନଭିଜ୍ଞ ଲୋକ ରହିଥିବାରୁ ରୋଗୀମାନେ ସମସ୍ୟା ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀମାନେ ପ୍ରତିବାଦ କରିବା ସତ୍ତ୍ୱେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି ସହରବାସୀ ଚେତାବନୀ ଦେଇଛନ୍ତି।


କାମାକ୍ଷାନଗର ସ୍ୱାସ୍ଥ୍ୟକେନ୍ଦ୍ର।

# ଚାକିରି ନାଁରେ ଠକିଥିଲେ

- ଫିଟୁଛି ଗିରଫ ହୋମଗାର୍ଡଙ୍କ କଳା କାରନାମା ଗୁମର
- କାମାକ୍ଷାନଗର ଥାନାରେ ରୁଜୁ ହେଲା ୨ ପୃଥକ୍ ମାମଲା
- ଏତଲା ଆଧାରରେ ପୋଲିସର ଖୋଳତାଡ଼ ଆରମ୍ଭ

**କାମାକ୍ଷାନଗର, ୨୬।୬(ଡି.ଏନ୍.ଏ.)**

ଠକେଇ ମାମଲାରେ ଗିରଫ ହୋଇଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାର ହୋମଗାର୍ଡ ଜଗବନ୍ଧୁ ପରିଡ଼ାଙ୍କ କଳା କାରନାମାର ଗୁମର ଖୋଲିବାରେ ଲାଗିଛି। ହୋମଗାର୍ଡ ଚାକିରିରେ ରଖାଇଦେବାକୁ ପ୍ରତିଶ୍ରୁତି ଦେଇ ସେ ଏକାଧିକ ଆଶାୟୀଙ୍କଠାରୁ ଠକି ନେଇଛନ୍ତି ଲକ୍ଷାଧିକ ଟଙ୍କା। ଢେଙ୍କାନାଳ ସଦର ଥାନା ପରେ ଏବେ କାମାକ୍ଷାନଗର ଥାନାରେ ତାଙ୍କ ବିରୋଧରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାଯୋଗ୍ୟ, ହୋମଗାର୍ଡ ଚାକିରି ଦେବାକୁ ପ୍ରଲୋଭିତ କରି ସେ ଥାନାର ଅନ୍ୟ ଜଣେ ହୋମଗାର୍ଡଙ୍କଠାରୁ ୨୦ ହଜାର ଟଙ୍କା ଠକେଇ କରିନେଇଥିବା ଶୁକ୍ରବାର ସଦର ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ଅଭିଯୁକ୍ତ ହୋମ୍‌ଗାର୍ଡଙ୍କୁ ଗିରଫ କରାଯାଇଛି। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ତାଙ୍କ ନାମରେ ଆଉ ଦୁଇଟି ଠକେଇ ଅଭିଯୋଗ ହୋଇଛି। କାମାକ୍ଷାନଗର ଥାନା ରେଙ୍ଗୁଳା ଗ୍ରାମର ଅଜିତ ପଟ୍ଟନାୟକ ଏତଲାରେ ଦର୍ଶାଇଛନ୍ତି, ତାଙ୍କ ଭାଇ ନିରଞ୍ଜନଙ୍କୁ ହୋମଗାର୍ଡ ଚାକିରି କରାଇଦେବାକୁ ପ୍ରଲୋଭିତ କରି ଜଗବନ୍ଧୁ ୨୦୨୦ ନଭେମ୍ବର ୨ରେ ୨୦ ହଜାର ଟଙ୍କା ନେଇଥିଲେ। ଏହାପରେ ଆଉ ଧରାଛୁଆଁ ଦେଉ ନ ଥିଲେ। ଟଙ୍କା ମାଗିବାରୁ ଓଲଟି ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ସେହିପରି ପରଜଙ୍ଗ ଥାନା କୁଲେଇ ଗ୍ରାମର ଶାନ୍ତନୁ କୁମାର ଜେନା ଅନୁରୂପ ଅଭିଯୋଗ କରିଛନ୍ତି। ହୋମଗାର୍ଡ ଚାକିରି ଦେବାକୁ କହି ୨୦୧୮ରେ ଜଗବନ୍ଧୁ ତାଙ୍କଠାରୁ ୩୦ ହଜାର ଟଙ୍କା ନେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। କେବଳ ଏହି ୩ ମାମଲା ନୁହେଁ, ଜଗବନ୍ଧୁ ଜିଲାର ଅନ୍ୟ କେତେଜଣଙ୍କଠାରୁ ମଧ୍ୟ ଟଙ୍କା ନେଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଏ ନେଇ କାମାକ୍ଷାନଗର ଥାନାଧିକାରୀ ସୁନୀଲ କୁମାର କର କୁହନ୍ତି, ଅଭିଯୋଗ ମିଳିଛି। ଏଥିପୂର୍ବରୁ ଢେଙ୍କାନାଳ ଥାନାରେ ଏକ ଠକେଇ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ହୋମଗାର୍ଡଙ୍କ ନାମରେ ଅନ୍ୟ ୨ ମାମଲା ରୁଜୁ କରି ତଦନ୍ତ କରାଯାଉଛି।

# ଅନନ୍ତ ଡିଏଭି: ୨୬ ଜଣଙ୍କୁ ଏ-୧ ଗ୍ରେଡ୍


ବିକାଶ ପ୍ରଧାନ।


ସ୍ନେହା ସ୍ମୃତିରୂପା ସାହୁ।


ଅରୂପ ଶତପଥୀ।

**ତାଳଚେର,୨୬।୬(ନି.ପ୍ର.)**

ତାଳଚେର ମହାନଦୀ କୋଲଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତବିହାରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ୍‌ର ମାଟ୍ରିକ ପରୀକ୍ଷାଫଳ ଶତ ପ୍ରତିଶତ ହୋଇଛି। ୧୫୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୬, ଏ-୨ ଗ୍ରେଡ୍‌ରେ ୩୧, ବି-୧ରେ ୪୯, ବି-୨ରେ ୪୪ ଏବଂ ସି ଗ୍ରେଡ୍‌ରେ ୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୧ ଗ୍ରେଡ୍ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିକାଶ ପ୍ରଧାନ (୫୮୨), ସ୍ନେହା ସ୍ମୃତିରୂପା ସାହୁ (୫୬୯), ଅରୂପ ଶତପଥୀ (୫୬୫) ପ୍ରଥମ ୩ ସ୍ଥାନରେ ରହିଛନ୍ତି। ସେହିପରି ସାଇଶ୍ରବଣ ସାହୁ, ଇପ୍ସିତା ସାହୁ, ସମ୍ବିତ ବେହେରା, ଶିବସୁନ୍ଦର ଦାସ, ପ୍ରଦ୍ୟୁମ୍ନ ବେହେରା, କ୍ରିଷ୍ଣା ପଲ୍ଲବିକା ସାହୁ, କାହ୍ନୁ ମିଶ୍ର, ରୀତେଶ ସାହୁ, ତନୁଜୟା ବିଶ୍ୱାଳ, ଅଭିଜିତ୍ ମହାରଣା, ଅଲିଭା ଦୀପଶିଖା ଗଡନାୟକ, ଆଲିସା ମହାନ୍ତି, ବିଶ୍ୱଜିତ୍ ସାମଲ, ବିବେକ ସାହୁ, ଶ୍ୱାତୀସ୍ମିତା ସାହୁ, ଅଜିତ୍ ବେହେରା, ଅବିନାଶ ଗଡ଼ନାୟକ, ଦୀନେଶ ବାରିକ, ଦିବ୍ୟରଞ୍ଜନ ବାରିକ, ଆକାଶ ଦାଶ, ବିଶ୍ୱ ବିଜୟିନୀ ପ୍ରଧାନ, କିରଣ ଦେବତା ଏବଂ ବିଶ୍ୱରଞ୍ଜନ ପରିଡ଼ା ଏ-୧ ଗ୍ରେଡ୍ ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ପରିଶ୍ରମ ଏବଂ ଅଭିଭାବକଙ୍କ ସହଯୋଗ ଲାଗି ଏହି ସଫଳତା ମିଳିଥିବା ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତି ମିଶ୍ର କହିଛନ୍ତି।

# କାନପୁରା ହାଇସ୍କୁଲର ପାସ୍ ହାର ଶତ ପ୍ରତିଶତ

**କାମାକ୍ଷାନଗର, ୨୬।୬(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲର ମାଟ୍ରିକ ପାସ୍ ହାର ୧୦୦% ହୋଇଛି। ୧୭୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ରାକେଶ ମହାରଣା, ଶୁଭଙ୍କର ସାହୁ, ସ୍ୱାଧୀନ ସାହୁ, ପିଙ୍କଲ ସାହୁ, ଶୁଭସ୍ମିତା ପ୍ରଧାନ ଏବଂ ଅଙ୍କିତ ଶୁଭଙ୍କର ପରିଡ଼ା। ସେହିପରି ୨୧ଜଣ ଏ-୨, ୪୨ ଜଣ ବି-୧, ୪୪ ଜଣ ବି-୨ , ୨୮ ଜଣ 'ସି', ୨୩ ଜଣ 'ଡି' ଓ ୧୨ ଜଣ 'ଇ' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏକ୍ସରେଗୁଲରର ୫ଜଣ ପିଲାଙ୍କ ମଧ୍ୟରୁ ୪ ଜଣ ପାସ୍ ହୋଇଥିବା ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ସୂଚନା ଦେଇଛନ୍ତି।

# ମଦ ଜବତ, ୨ ଗିରଫ

**ବଇଣ୍ଡା, ୨୬।୬(ଡି.ଏନ୍.ଏ.)**

କିଶୋରନଗର ବ୍ଲକ କଦଳୀମୁଣ୍ଡାଠାରେ ଶନିବାର ହଣ୍ଡପା ଓ ବଇଣ୍ଡା ପୋଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୬୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବୁଦ୍ଧୁଲିମୁଣ୍ଡା ଗ୍ରାମର ଶୁଭେନ ସମ୍ରାଟ ସାହୁ, ଅସିତ୍ ଘିଓ୍ୱାଲାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୫୩/୨୧ରେ ଏକ ମାମଲା ରୁଜୁ ହୋଇଛି। ଉଭୟେ ବାଇକ୍‌ରେ ମଦ ନେଇ କଦଳୀମୁଣ୍ଡା ଅଭିମୁଖେ ଯାଉଥିବାବେଳେ ସୂଚନା ପାଇ ହଣ୍ଡପା ଆଇଆଇସି ଲବ ବୋଡା, ବଇଣ୍ଡା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ସଦଳବଳ ଚଢ଼ାଉ କରିଥିଲେ।

# ନିଃଶୁଳ୍କ ଅମ୍ଳଜାନ ସେବା ଆରମ୍ଭ

**କାମାକ୍ଷାନଗର, ୨୬।୬(ଡି.ଏନ୍.ଏ.)**

କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିବା ରୋଗୀଙ୍କ ଲାଗି କାମାକ୍ଷାନଗର ସତ୍ୟସାଇ ସେବା ସଙ୍ଗଠନ ତରଫରୁ ନିଃଶୁଳ୍କ ଅମ୍ଳଜାନ ସେବା ଆରମ୍ଭ ହୋଇଛି। ସ୍ଥାନୀୟ ସାଇ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ନିର୍ବାହୀ ଅଧିକାରୀ ବିରଜା ପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସଙ୍ଗଠନର ଜିଲା ସଭାପତି ରଶ୍ମିରଞ୍ଜନ ଦାଶ, ଆବାହକ ଆଦିତ୍ୟ କର, ପ୍ରତ୍ୟୁଷ ମିଶ୍ର, ବିମଳ ପରିଡ଼ା, ଶୁଭ୍ରାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସେବା ଯୋଗାଇ ଦେବା ଲାଗି ଟେଲିଫୋନ୍ (ନଂ. ୮୦୪୭୧୬୮୦୪୦/୯୯୩୭୧୧୭୧୮୭ /୯୯୩୭୧୩୧୯୯୮) ଜାରି କରାଯାଇଛି।

# କୃଷି ଆଇନକୁ ତୀବ୍ର ବିରୋଧ



ଜଏରାଟରେ ଆନ୍ଦୋଳନରେ ସାମିଲ ହୋଇଥିବା କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ।

**ବଇଣ୍ଡା/ଛେଣ୍ଡିପଦା, ୨୬।୬(ଡି.ଏନ୍.ଏ./ସ୍ୱ.ପ୍ର.)**

କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନକୁ ବିରୋଧ କରି ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍ଏସ୍) ପକ୍ଷରୁ ଶନିବାର 'କୃଷି ବଞ୍ଚାଅ ଓ ଗଣତନ୍ତ୍ର ବଞ୍ଚାଅ' ଦିବସ ପାଳିତ ହୋଇଯାଇଛି। କିଶୋରନଗର ବ୍ଲକର ଜଏରାଟଠାରେ ସଙ୍ଗଠନର ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚାଷୀ ନେତା ରମଣିରଞ୍ଜନ ପ୍ରଧାନ, ପୀତାମ୍ବର ପ୍ରଧାନ, ରବୀନ୍ଦ୍ର ସାହୁ, ବାବାଜୀ ଚରଣ ପ୍ରଧାନ, ରବିନାରାୟଣ ବାରିକ, ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଯୋଗ ଦେଇଦେଇ ନୂତନ କୃଷି ଆଇନକୁ ତୀବ୍ର ବିରୋଧ କରିଥିଲେ। ଏଭଳି ଚାଷୀ ବିରୋଧୀ ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ସବ୍‌ସିଡି ମାଧ୍ୟମରେ ସାର, ବିହନ, କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି।

ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀ ନେତା ରଣଜିତ ପ୍ରଧାନ, ଅରକ୍ଷିତ ଦେହୁରୀ, ଭୁବନ ସାହୁ, ଚୈତନ୍ୟ ସାହୁ, ଶଙ୍କର ବେହେରା, ଶ୍ରୀଧର ପ୍ରଧାନ, କୁନ୍ଦ ଭୂତିଆ, ଦୁଃଖୀ ଭୋଇଙ୍କ ନେତୃତ୍ୱରେ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ କଳା କୃଷି ଆଇନକୁ ଉପସ୍ଥିତ ଚାଷୀନେତା ସମାଲୋଚନା କରିଥିଲେ। କୃଷି ଆଇନ, ଘରୋଇ ମଣ୍ଡି, କର୍ପୋରେଟ ସ୍ୱାର୍ଥ ରକ୍ଷାକାରୀ ଚୁକ୍ତି, ଅତ୍ୟାବଶ୍ୟକ ସାମଗ୍ରୀ ସଂଶୋଧନ ଆଇନ ତୁରନ୍ତ ବାତିଲ କରିବାକୁ ଚାଷୀମାନେ ଦାବି କରିଥିଲେ।

# କଣ୍ଟେନର ଧକ୍କାରେ ସେଲ୍ସମ୍ୟାନ ମୃତ

**ବଅଁରପାଳ, ୨୬।୬(ଡି.ଏନ୍.ଏ.)**

ବଅଁରପାଳ ବ୍ଲକ କାର୍ଯ୍ୟାଳୟ ନିକଟ ୫୫ନଂ. ଜାତୀୟ ରାଜପଥରେ ଶନିବାର ଦୁର୍ଘଟଣା ଘଟି ଟାଇଁସି ଅଞ୍ଚଳର ସେଲ୍ସମ୍ୟାନ ଜଗବନ୍ଧୁ ଦେହୁରୀ (୪୨)ଙ୍କ ମୃତ୍ୟୁ ଘଟିଛି। ଜଗବନ୍ଧୁ କୌଣସି କାର୍ଯ୍ୟରେ ବଜାରକୁ ଆସି ଫେରିବା ସମୟରେ ଢେଙ୍କାନାଳରୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ଗ୍ୟାସ୍ କଣ୍ଟେନର ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବଅଁରପାଳ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ ମା' ହିଙ୍ଗୁଳା ମନ୍ଦିର

- ଟ୍ରଷ୍ଟବୋର୍ଡ ବୈଠକରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ
- ଟ୍ରଷ୍ଟ ସମୟସୀମା ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦେଲେ ସଦସ୍ୟ
- ସୋଲଡା ଟ୍ରକ୍ ମାଲିକ ସଂଘ ଦେଲା ୬.୬୬ ଲକ୍ଷ ଟଙ୍କା

**ତାଳଚେର, ୨୬।୬(ନି.ପ୍ର.)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ। ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ଏଥିରେ ଆବଶ୍ୟକ ସମସ୍ତ ସହଯୋଗ କରିବା ଲାଗି ଶନିବାର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ନୂତନ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ବିଶ୍ୱରଞ୍ଜନ ରଥ ମନ୍ଦିର ନିର୍ମାଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ଉପସ୍ଥିତ ସଦସ୍ୟଙ୍କୁ ଅନୁରୋଧ କରିଥିଲେ।

ଜିଲାରେ ଥିବା ଖଣି କର୍ତ୍ତୃପକ୍ଷ, କାର୍ଯ୍ୟରତ କର୍ମଚାରୀ, ଅଞ୍ଚଳବାସୀ ଏବଂ ଟ୍ରଷ୍ଟବୋର୍ଡ ସଦସ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରି ଆସୁଛନ୍ତି। ଏଭଳି କାର୍ଯ୍ୟ ଜାରି ରଖିଲେ ଅଳ୍ପଦିନରେ ମନ୍ଦିର ପୂର୍ଣ୍ଣାଙ୍ଗ ରୂପ ପାଇବ। ରାଜ୍ୟବାସୀ ମା'ଙ୍କ ଦିବ୍ୟ ଅନୁଭବ ଲାଭ କରିବାର ସୁଯୋଗ ପାଇବେ ବୋଲି ବୈଠକରେ ଉପସ୍ଥିତ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ ପାଲଲହଡ଼ା ବିଧାୟକ ମୁକେଶ ପାଳ ପ୍ରମୁଖ କହିଥିଲେ। ଏବେ ଟ୍ରଷ୍ଟର ଅବଧି ଶେଷ ହୋଇଯାଇଛି। ଏହାର ଅବଧିସୀମା ବୃଦ୍ଧି କରିବା ଲାଗି ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର କର୍ତ୍ତୃପକ୍ଷ ଏବଂ ତାଳଚେର ତହସିଲଦାର ସମନ୍ୱୟ ରକ୍ଷା କରି ୭ ଦିନ ମଧ୍ୟରେ ମାଷ୍ଟରପ୍ଲାନ ଅନୁଯାୟୀ ମନ୍ଦିର ଜାଗା ଚିହ୍ନଟ କରିବେ। ମାସେ ମଧ୍ୟରେ ଚିହ୍ନଟ କରାଯାଇଥିବା ଜାଗାରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ମା' ହିଙ୍ଗୁଳାଙ୍କ ନାମରେ ଦୁଇଟି ବ୍ୟାଙ୍କ ଖାତା ମଧ୍ୟରୁ ଗୋଟିଏ ଟ୍ରଷ୍ଟ ଏବଂ ଅନ୍ୟଟି ଉନ୍ନୟନ କମିଟି ନାମରେ ରହିବ। ଉଭୟ ଖାତା ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଖୋଲାଯିବ। ଏଣିକି ମାସର ଶେଷ ଶନିବାରରେ ମନ୍ଦିର ନିର୍ମାଣ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମା'ଙ୍କ ମନ୍ଦିର ନିକଟ ପୋଖରୀ ପାଖରେ ନିର୍ମାଣ ହେବାକୁ ଥିବା ରିଟେନିଂ ୱାଲ୍‌ର ବ୍ୟୟ ଅଟକଳ ୭ଦିନ ମଧ୍ୟରେ ଟ୍ରଷ୍ଟକୁ ଅବଗତ କରାଇବାକୁ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ଶାଳବଣି ଛକ-କୁମୁଣ୍ଡା ଛକ ରାସ୍ତାର ଡିଭାଇଡର ମଧ୍ୟରେ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଚାରାରୋପଣ କରିବା, ଗୋଛାୟତ ସାହି ପାଖରେ ଜଳ ନିଷ୍କାସନ ଲାଗି କଲଭର୍ଟ ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଛି। ମନ୍ଦିର ନିର୍ମାଣ ଲାଗି ଦିନକର ଦରମା ପ୍ରଦାନ କରିବାକୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଖଣି କର୍ମଚାରୀଙ୍କୁ ଅନୁରୋଧ କରାଯାଇଛି। ଏହି ଅବସରରେ ସୋଲଡା ଟ୍ରକ୍ ମାଲିକ ସଂଘ ପକ୍ଷରୁ ମନ୍ଦିର ନିର୍ମାଣ କାର୍ଯ୍ୟରେ ସହାୟତା ପୂର୍ବକ ୬ ଲକ୍ଷ ୬୬ହଜାର ୬୬ ଟଙ୍କାର ଚେକ୍ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।


ବୈଠକରେ ଏମ୍‌ପି, ବିଧାୟକ, ଉପଜିଲାପାଳଙ୍କ ସମେତ ଟ୍ରଷ୍ଟବୋର୍ଡର ସଦସ୍ୟମାନେ।

ବୈଠକରେ ବିଡିଓ ଶିବ କୁମାର ମିଶ୍ର, ତହସିଲଦାର ମନ୍ମଥ ନାୟକ, ଟ୍ରଷ୍ଟ ବୋର୍ଡ ସଦସ୍ୟ ଜଗନ୍ ମୋହନ ଗଡନାୟକ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ରାଜେନ୍ଦ୍ର କୁମାର ସିଂ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ରତ୍ନାକର ସାହୁ, ସନ୍ତୋଷ ପ୍ରଧାନ, ଗଗନବିହାରୀ ସାହୁ, ସିଦ୍ଧେଶ୍ୱର ପ୍ରଧାନ, ସଞ୍ଜୟ ମାଝି, ଶଙ୍କର ପ୍ରସାଦ ବେହେରା, ସୁରେନ୍ଦ୍ର ଶର୍ମା, ଥାନାଧିକାରୀ ସବ୍ୟସାଚୀ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବାବାଜୀ ଚରଣ ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଧୂଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କାଦୁଅରେ କଲବଲ ବାହାକୁଦରବାସୀ

**ପାଲଲହଡ଼ା, ୨୬।୬(ଡି.ଏନ.ଏ.)**

ପାଲଲହଡ଼ା ସହରଠାରୁ ମାତ୍ର ୩ କିଲୋମିଟର ଦୂରରେ ରହିଛି ଈଶ୍ୱରନଗର ପଞ୍ଚାୟତର ବାହାକୁଦର ଗ୍ରାମ। ଦୀର୍ଘବର୍ଷ ହେବ ଗ୍ରାମକୁ ଭଲ ରାସ୍ତାଟିଏ ନାହିଁ। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ମାଟି ରାସ୍ତାରେ ଯାତାୟାତ କରୁଥିବା ଗ୍ରାମବାସୀ ବର୍ଷା ଯୋଗୁ କାଦୁଅରେ କଲବଲ ହେଉଛନ୍ତି। ଆଣ୍ଠୁଏ ଲେଖାଏ କାଦୁଅ ଯୋଗୁ ଚାଲିକରି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ପ୍ରାୟ ୩ମାସ ପୂର୍ବରୁ ଏକ ଠିକା ସଂସ୍ଥା ରାସ୍ତା ଖୋଳି ପାଇପ ବିଛାଇଥିଲା। ହେଲେ ଠିକ୍ ଭାବେ ମୋରମ ପକାଇ ନ ଥିବାରୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୁମନ ମିଞ୍ଜ କହିଛନ୍ତି, ବ୍ଲକ ପ୍ରଶାସନ ନିକଟକୁ ଅଭିଯୋଗ ଆସିନାହିଁ। ତଥାପି ତଦନ୍ତ କରାଯାଇ ଶୀଘ୍ର କିପରି ରାସ୍ତା ମରାମତି ହେବ, ସେଥିପାଇଁ ଚେଷ୍ଟା କରାଯିବ।


ANGUL GETS A BRAND NEW ICON.
MG NOW IN ANGUL.
Come say hello to the exciting world of MG.
MORRIS GARAGES
Since 1924
ZS EV
2021
GLOSTER
HECTOR
2021
AVAILABLE IN 5,6,7 SEATER
Scan to know more.
VISIT US TODAY TO EXPERIENCE INDIA'S FIRST INTERNET AND AUTONOMOUS LEVEL-I CARS
MG ANGUL, SANTRY CHHAK NUAHATA, BANARPAL, ANGUL. +918144917529, +918144917575
EXPERIENCE MG ACROSS 250+ CENTRES
Follow Us On: www.mgmotor.co.in @mgmotorin @mgmotorin @mgmotorindialtd @mgmotorindia @mgmotorin
Product shown is for representation purposes only and may vary from actual product due to print paper quality. Features and specifications as shown are not standard for all variants. All the variants are subject to availability and demand. MG Motor India reserves the rights to discontinue any variant or to alter any specifications, features and design without prior notice and without liability. MG Motor India also reserves the rights to cancel the booking against any variant or at any location, at any time. Please check variant details with your nearest MG dealer for latest information.
Cheil-8469/21